ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

*ବନାମ*

ଡା. ହରଭଜନ ସିଂହ ଗ୍ରେସି

ଏପ୍ରିଲ 12, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଶୃଙ୍ଖଳାଗତ ତଦନ୍ତ - ସରକାରୀ ଚାକିରିରେ ଥିବା ଡାକ୍ତର - ବନ୍ୟା ପୀଡିତଙ୍କ ଯତ୍ନ ନେବାର ଜରୁରୀକାଳୀନ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିବା ଏବଂ କର୍ତ୍ତବ୍ୟର ଅନ୍ୟାନ୍ୟ ଅବହେଳା ପାଇଁ ଆରୋପିତ - ତଦନ୍ତ ଅଧିକାରୀ ଏହି ବିବୃତି ଦାଖଲ କରି ଦର୍ଶାଇଛନ୍ତି ଯେ ଅବହେଳାକାରୀ ସ୍ୱୀକାର କରିଥିଲେ ଯେ ନିଲମ୍ବନ ସମୟରେ ସେ ବ୍ୟକ୍ତିଗତ ଚିକିତ୍ସା ପ୍ରାକ୍ଟିସ କରୁଥିଲେ - ତଦନ୍ତ ଅଧିକାରୀଙ୍କ ଦ୍ୱାରା ଏପରି କୌଣସି ବିବୃତି ନଥିଭୁକ୍ତ କରାଯାଇନଥିଲା - ପରବର୍ତ୍ତୀ ସମୟରେ, ଉକ୍ତ ବିବୃତି ଦେଇଥିଲେ ବୋଲି ଅବହେଳାକାରୀ ଅସ୍ୱୀକାର କରିଥିଲେ - ସେବାରୁ ଅପସାରଣର ଦଣ୍ଡ ପ୍ରଦାନ - ହଟାଇବା ଆଦେଶ ଖାରଜ କରି ଏବଂ ଆନୁଷଙ୍ଗିକ ସୁବିଧା ସହିତ କର୍ମଚାରୀଙ୍କୁ ପୁନଃସ୍ଥାପିତ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ - ନିର୍ଣ୍ଣୟ କରାଯାଇଥିଲା, ବରଖାସ୍ତ ଆଦେଶ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ହୋଇପାରନ୍ତି କିନ୍ତୁ ଏପରି ମାମଲାରେ ଆନୁଷଙ୍ଗିକ ସୁବିଧା ସହିତ ପ୍ରତ୍ୟକ୍ଷ ପୁନଃସ୍ଥାପନ କରିବା ଉଚିତ୍ ହେବ ନାହିଁ ଏବଂ ଯେଉଁ ପର୍ଯ୍ୟାୟରୁ ତ୍ରୁଟି ଦର୍ଶାଯାଇଥିଲା ସେହି ପ୍ରକ୍ରିୟାରୁ ଅନୁସରଣ କରିବାକୁ ମାମଲା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କୁ ପଠାଯିବା ଉଚିତ୍ - ବିଚାରାଧୀନ ତଦନ୍ତରେ ଅବହେଳାକାରୀଙ୍କୁ ନିଲମ୍ବନରେ ରହିଥିବା ବିବେଚନା କରାଯିବା ଉଚିତ୍ - ତେବେ, ଯେହେତୁ କର୍ମଚାରୀ ଚାକିରିରୁ ଅବସର ନେଇଛନ୍ତି, ତେଣୁ ନୂଆ କରି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବାରେ କୌଣସି ଉପଯୋଗୀ ଉଦ୍ଦେଶ୍ୟ ପୂରଣ ହେବ ନାହିଁ - କର୍ମଚାରୀ ଜଣକ ବେତନ ଫେରସ୍ତ ପାଇବାକୁ ହକଦାର ନୁହଁନ୍ତି ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 7530/1996 ।

L.P.A. ସଂଖ୍ୟା 398/1992 DBରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 17.11.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ମନୋଜ ସ୍ୱରୂପ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଡି. ଭି. ସେହଗଲ୍, ସଞ୍ଜୟ ସରିନ୍, ଫିଜାନି ହୁସେନ୍ ଏବଂ ଅଶୋକ ମାଥୁର ।

ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । 18 ଜୁଲାଇ, 1975 ଏବଂ 21 ଜୁଲାଇ, 1975 ତାରିଖ ମଧ୍ୟରେ ବନ୍ୟା ପୀଡିତଙ୍କ ଯତ୍ନ ନେବାର ଜରୁରୀକାଳୀନ ପରିସ୍ଥିତିରେ କର୍ତ୍ତବ୍ୟରୁ ଅନୁପସ୍ଥିତ ଥିବାରୁ ଉତ୍ତରଦାତାଙ୍କ ଉପରେ ଆରୋପ ଲଗାଯାଇଥିଲା । କର୍ତ୍ତବ୍ୟରେ ଅନ୍ୟ ଅବହେଳା ପାଇଁ ତାଙ୍କ ଉପରେ ଆହୁରି ଆରୋପ ଲଗାଯାଇଥିଲା । ସବିଶେଷ ତଥ୍ୟର ଆବଶ୍ୟକତା ନାହିଁ । ଏହା ଦର୍ଶାଇବା ଯଥେଷ୍ଟ ଯେ ତଦନ୍ତ କରାଯାଇଥିଲା ଏବଂ ଅନୁସନ୍ଧାନ ଅଧିକାରୀ ତାଙ୍କ ବିବୃତି ଦାଖଲ କରିଥିଲେ ଯେ ଉତ୍ତରଦାତା ସଂଖ୍ୟା 1 ସ୍ୱୀକାର କରିଥିଲେ ଯେ ସରକାରଙ୍କ ଦ୍ୱାରା ନିଲମ୍ବନ ଆଦେଶରେ ମୁଖ୍ୟାଳୟରେ ରହିବା ପାଇଁ ଜାରି ନିର୍ଦ୍ଦେଶ ସତ୍ତ୍ୱେ, ତାଙ୍କ ନିଲମ୍ବନ ଅବଧି ସମୟରେ ସେ ମୋଗାରେ ବ୍ୟକ୍ତିଗତ ଚିକିତ୍ସା ପ୍ରାକ୍ଟିସ କରୁଥିଲେ । ତଦନୁସାରେ, ଶୃଙ୍ଖଳା କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ଅପସାରଣ କରିଥିଲେ ଯାହାକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ବିଦ୍ୱାନ ଏକକ ବିଚାରପତି ଆଜ୍ଞାଦେଶ ଆବେଦନକୁ ଅନୁମତି ପ୍ରଦାନ କରିଥିଲେ ଏବଂ ଆନୁଷଙ୍ଗିକ ସୁବିଧା ସହିତ ପୁନଃସ୍ଥାପନ ନିର୍ଦ୍ଦେଶ ଦେଇଥିଲେ । ଅପିଲ ଉପରେ, L.P.A. ସଂଖ୍ୟା 394/92 ରେ 17 ନଭେମ୍ବର, 1993 ତାରିଖର ଆକ୍ଷେପିତ ଆଦେଶରେ ଦୁଇ ଜଣିଆ ବିଚାରପତିଙ୍କ ବିଚରପୀଠ ଏହାକୁ ସୁନିଶ୍ଚିତ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଏହା ଦେଖାଯାଏ ଯେ ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା କଥିତ ସ୍ୱୀକାର ଉପରେ ଅନୁସନ୍ଧାନ ଅଧିକାରୀଙ୍କ ବିବୃତି ଆଧାରିତ ଅଟେ । କିନ୍ତୁ, ଦୁର୍ଭାଗ୍ୟବଶତଃ, ତଦନ୍ତ ଅଧିକାରୀ ଲିଖିତ ଭାବେ ତାଙ୍କ ସ୍ୱୀକାରୋକ୍ତି ଗ୍ରହଣ କରିନାହାନ୍ତି । ପରବର୍ତ୍ତୀ ସମୟରେ, ଉତ୍ତରଦାତା କୌଣସି ସ୍ୱୀକାରୋକ୍ତି ଦେଇଥିବା ଅସ୍ୱୀକାର କରିଛନ୍ତି । ଅବହେଳାକାରୀଙ୍କ ପ୍ରତ୍ୟାଖ୍ୟାନ ବିରୁଦ୍ଧରେ, ଆମ ପାଖରେ କେବଳ ଅନୁସନ୍ଧାନ ଅଧିକାରୀଙ୍କ ବିବୃତି ଅଛି ଯାହା ଉତ୍ତରଦାତାଠାରୁ ନିଆଯାଇଥିବା ଲିଖିତ ବିବୃତି ଦ୍ୱାରା ସମର୍ଥିତ ନୁହେଁ । ସେହି ପରିସ୍ଥିତିରେ, ବରଖାସ୍ତ ଆଦେଶ ରଦ୍ଦ କରିବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ହୋଇପାରନ୍ତି । ବର୍ତ୍ତମାନ ଏହା ଏକ ସୁପ୍ରତିଷ୍ଠିତ ଆଇନ ଯେ ଯେତେବେଳେ ତଦନ୍ତ ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡ଼ିଥିଲା, ଆନୁଷଙ୍ଗିକ ସୁବିଧା ସହିତ ପ୍ରତ୍ୟକ୍ଷ ପୁନଃସ୍ଥାପନ କରିବା ଉଚିତ୍ ହେବ ନାହିଁ । ଯେଉଁ ପର୍ଯ୍ୟାୟରେ ତ୍ରୁଟି ଦର୍ଶାଯାଇଥିଲା ସେହି ପର୍ଯ୍ୟାୟରୁ ପ୍ରକ୍ରିୟା ଅନୁସରଣ କରିବା ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା

ପାଇଁ ମାମଲା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କୁ ପଠାଯିବା ଆବଶ୍ୟକ । ତଦନ୍ତ ବିଚାରାଧୀନ ଥିବାବେଳେ, ଅବହେଳାକାରୀ ନିଲମ୍ବିତ ବୋଲି ବିବେଚିତ ହେବା ଆବଶ୍ୟକ । ତଦନ୍ତର ଫଳାଫଳ ଏବଂ ତା ଉପରେ ପ୍ରଦତ୍ତ ନିର୍ଦ୍ଦେଶ ଉପରେ ଆନୁଷଙ୍ଗିକ ସୁବିଧା ନିର୍ଭର କରିବ । ଉକ୍ତ ନିର୍ଦ୍ଦେଶ ଦେବାକୁ ବାଦ୍ ଦେବାରେ ଉଚ୍ଚ ନ୍ୟାୟାଳୟ ବେଆଇନ ଥିଲେ । ଯେହେତୁ ଉତ୍ତରଦାତା ଚାକିରିରୁ ଅବସର ନେଇଥିଲେ, ବର୍ତ୍ତମାନ ନୂତନ ଭାବରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାରେ କୌଣସି ଉପଯୋଗୀ ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ତେବେ, ବନ୍ୟା ପୀଡିତଙ୍କ ଚିକିତ୍ସା ପାଇଁ ଜଣେ ଡାକ୍ତର ଭାବରେ ଦାୟିତ୍ୱରେ ଅବହେଳା କରିଥିବାରୁ ଉତ୍ତରଦାତା ପିଛିଲା ବେତନ ପାଇବାକୁ ହକଦାର ନୁହଁନ୍ତି ଏବଂ ଏହା ନିଲମ୍ବନ ପାଇଁ କାରଣ ଥିଲା ।

ତଦନୁସାରେ ଅପିଲକୁ ଅନୁମତି ପ୍ରଦାନ କରାଗଲା । କୌଣସି ଖର୍ଚ୍ଚ ନାହିଁ । ପିଛିଲା ବେତନକୁ ଅନୁମତି ନଦେବା ଅବସରକାଳୀନ ଭତ୍ତା ସୁବିଧାଗୁଡ଼ିକର ଗଣନାରେ ବାଧା ସୃଷ୍ଟି କରିବ ନାହିଁ ଯେପରି କି ସେ ଚାକିରିରେ କାର୍ଯ୍ୟରତ ଥିଲେ ।

ଆର୍. ପି. ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ